## ଛୁରି ଦେଖାଇ ୨ଲକ୍ଷ ଲୁଟ

ପାତ୍ରପୁର,(ଉମା ଚରଣ ନେପାକ)– ଜରଡା ଥାନା ବୃନ୍ଦାବନ ନଗର ନିକଟରେ ମଙ୍ଗଳବାର ଏକ ଅର୍ଥ ଲଗାଣକାରୀ ସଂସ୍ଥାର ଜଣେ କର୍ମଚାରୀଙ୍କଠାରୁ ଲୁଟ ହୋଇଛି। ୩ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ଛୁରି ଦେଖାଇ ପ୍ରାୟ ୨ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଲୁଟର ଶିକାର ହୋଇଥିବା ବ୍ୟକ୍ତି ଜଣଙ୍କ ହେଲେ ଦୀପକ ସାହୁ। ଅପରାହ୍ଣ ପ୍ରାୟ ୪ଟାରେ ଦୀପକ ନିଜ କାମ ସାରି ଟଙ୍କା ବ୍ୟାଗ୍ ଧରି ସେ ରହୁଥିବା ଚିକିଟି ଘରକୁ ଫେରୁଥିଲେ। ବୃନ୍ଦାବନ ନଗର ନିକଟରେ ଦୁର୍ବୃତ୍ତମାନେ ତାଙ୍କୁ ଛୁରି ଦେଖାଇ ଟଙ୍କା ବ୍ୟାଗ ଧରି ଚମ୍ପଟ ମାରିଥିଲେ।



### ସଂକ୍ଷେପରେ

## ଯୁବକଙ୍କୁ ପିଟି ଟଙ୍କା ଲୁଟ୍, ୩ କୋର୍ଟ ଚାଲାଣ

ଫିରିଙ୍ଗିଆ,୧୯।୧୨(ବିକ୍ରମ ଦିଗାଲ)

ଫିରିଙ୍ଗିଆ ଥାନା ରତଙ୍ଗ ଘାଇ ନିକଟରେ ବିହାର ଅଞ୍ଚଳର ମନୋଜ କୁମାରଙ୍କୁ ମାଡ଼ ମାରି ୩୪୦୦୦ ଟଙ୍କା ସହ ଏକ ମୋବାଇଲ ଫୋନ ଛଡାଇ ନେବା ଅଭିଯୋଗରେ ମଙ୍ଗଳବାର ପୋଲିସ ୩ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରତଙ୍ଗ ଗାଁର ଶୁକଦେବ ମାଝିଙ୍କ ପୁଅ ସନିଆ (୨୦)ବିଷ୍ଣୁ ମାଝିଙ୍କ ପୁଅ ଗଣପତି(୨୩) ଓ କେ ନୂଆଁଗାଁ ଥାନା ଅନ୍ତର୍ଗତ ଯୁଗାପଦର ଗାଁର ଅଭିରାମ ଦିଗାଲଙ୍କ ପୁଅ ଜଗନ (୧୯)। ଅଭିଯୁକ୍ତମାନଙ୍କଠାରୁ ନଗଦ ୧୪୫୦୦ ଓ ଗୋଟିଏ ମୋବାଇଲ ଫୋନ ପୋଲିସ ଜବତ କରିଛି। ମନୋଜଙ୍କ ଏତଲା ଆଧାରରେ ନଂ. ୨୨୬/୨୩ରେ ଫିରିଙ୍ଗିଆ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ୧୨ କେଜି ଚନ୍ଦନକାଠ ଜବତ, ଜଣେ ଗିରଫ

ମୋହନା,୧୯।୧୨(ମନ୍ମଥ ମିଶ୍ର)

ଆର.ଉଦୟଗିରି ଠାରୁ ଭୁବନେଶ୍ୱର ଯାଉଥିବା ଏକ ଓଏସଆରଟିସି ବସରୁ ମୋହନା ପୋଲିସ ୧୨ କେଜି ଚନ୍ଦନ କାଠ ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ମୋହନା ଥାନା ଅନ୍ତର୍ଗତ ବାଲିପଙ୍କ ଗ୍ରାମର ଆବେଲ ବୀରଙ୍କୁ ମଙ୍ଗଳବାର ଗିରଫକରି କୋର୍ଟ ଚାଲାଣ କରାଯାଇଛି। ମୋହନା ପୋଲିସ ଲୁହାଗୁଡ଼ି ଅଞ୍ଚଳରେ ରାତ୍ରକାଳୀନ ପାଟ୍ରୋଲିଂ କରୁଥିବା ବେଳେ ସକାଳେ ଓଏସଆରଟିସି ବସକୁ ଅଟକାଇ ଯାଞ୍ଚ କରିଥିଲା। ବସରୁ ଆବେଲ ବୀରଙ୍କଠାରୁ ଚନ୍ଦନ କାଠ ଜବତ ହୋଇଥିଲା। ଜବତ ଚନ୍ଦନକାଠକୁ ବ୍ରହ୍ମପୁର ସହରକୁ ବିକ୍ରି ପାଇଁ ନେଉଥିବା ପୋଲିସ କହିଛି। ମୋହନା ପୋଲିସ ଚନ୍ଦନକାଠକୁ ପୋଡାମାରି ବନାଞ୍ଚଳ ଅଧିକାରୀ ସି ଗିରି ରୂପକ କୁମାରଙ୍କୁ ହସ୍ତାନ୍ତର କରିବା ସହ ନଂ.୧୧୧/୨୩ରେ ମାମଲା ରୁଜୁ କରିଛି।

## ନୂଆ-ଓ ପୁରସ୍କାର ବିତରଣ ମହୋତ୍ସବ

କୁକୁଡାଖଣ୍ଡି,୧୯।୧୨
(ପ୍ରତାପ କୁମାର ସାହୁ)

ମଙ୍ଗଳବାର ସ୍ଥାନୀୟ କୁକୁଡ଼ାଖଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ପରିଚାଳିତ ହୋଇଥିବା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ପୁରସ୍କାର ବିତରଣ ମହୋତ୍ସବ ଭାରପ୍ରାପ୍ତ ଅଧକ୍ଷ ଶ୍ରୀକାନ୍ତ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଶିବାନୀ ସେଠୀ, ସମ୍ମାନିତ ଅତିଥି ରୂପେ ସରପଞ୍ଚ ବନ୍ଦନା କୁମାରୀ ସେଠୀ ଓ ଖବରଦାତା ଶକ୍ତିଧର ରାଜଗୁରୁ, ଡ. ଭାବାଶିଷ ମହାପାତ୍ର, ବସନ୍ତ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଗତ ୧ ତାରିଖରୁ ୪ ତାରିଖ ଯାଏ ଚାଲିଥିବା ସାଂସ୍କୃତିକ ପ୍ରତିଯୋଗିତା, ୧୨ ତାରିଖରୁ ୧୫ ତାରିଖ ଯାଏ ସାମାଜିକ ସେବା ଏବଂ କାର୍ଯ୍ୟକଳାପ ଅନ୍ତର୍ଗତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଛାତ୍ର ହେବା ପାଇଁ ଦିଗ୍‌ଦର୍ଶନ ଦେଇଥିଲେ। ବିଭୁ ପ୍ରସାଦ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବଳାତ୍କାର ମାମଲା, ଦୋଷୀଙ୍କୁ ୧୨ବର୍ଷ କାରାଦଣ୍ଡ

ଆସିକା,୧୯।୧୨(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ଥାନା ଅଞ୍ଚଳରେ ୨୦୨୨ ଅକ୍ଟୋବର ୯ ତାରିଖ କୁମାର ପୂର୍ଣ୍ଣିମା ସନ୍ଧ୍ୟାରେ ଜଣେ ମୂକ ବଧିର ଯୁବତୀଙ୍କୁ ବଳାତ୍କାର କରାଯାଇଥିଲା। ମଙ୍ଗଳବାର ଆସିକା ଅତିରିକ୍ତ ଜିଲା ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ ଏହି ମାମଲାର ବିଚାର କରି ଦୋଷୀଙ୍କୁ ୧୨ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦାୟ ଅଧିକ ୩ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ଅଭିଯୁକ୍ତ ଜଣଙ୍କ ହେଲେ ଆସିକା ଥାନା ଅନ୍ତର୍ଗତ ହରିଡାପଦର ଗ୍ରାମର ସୁଶାନ୍ତ ନାହାକ।

ମାମଲା ଅନୁଯାୟୀ, ଯୁବତୀ ଜଣଙ୍କ ଘଟଣାଦିନ ସନ୍ଧ୍ୟାରେ ସ୍ନାନ ଶୌଚ ପାଇଁ ଗ୍ରାମର ସରବନ୍ଧକୁ ଯାଇଥିଲେ। ଅଭିଯୁକ୍ତ ସୁଶାନ୍ତ ତାଙ୍କୁ ରାସ୍ତାରୁ ଟାଣିନେଇ ଜୋରଜବରଦସ୍ତ ବଳାତ୍କାର କରିଥିଲେ। ପରେ ତାଙ୍କ ପାଟି ଚାପିଦେଇ ମାରପିଟ କରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଝିଅ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ପୋଖରୀ ତୁଠ ନିକଟ ଏକ ବୁଦାମୂଳୁ ତାଙ୍କୁ ଉଦ୍ଧାର କରିଥିଲେ । ଏ ନେଇ ପୀଡିତାଙ୍କ ମା'ଙ୍କ ଅଭିଯୋଗପ୍ରକାରେ ଆସିକା ଥାନାରେ ପୋଲିସ ୬୯୪/୨୨ରେ ମାମଲା ରୁଜୁ କରିଥିଲା। ତତ୍କାଳୀନ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ମାମଲାର ତଦନ୍ତ କରି କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲେ। ମାମଲାରେ ମୋଟ ୧୨ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ। ଏହାକୁ ଭିତ୍ତିକରି ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସୁଧାଂଶୁ କୁମାର ପଣ୍ଡା ଓ ସହଯୋଗୀ ସୂର୍ଯ୍ୟପ୍ରକାଶ ରାଓ ମାମଲା ଲଢୁଥିଲେ।

## ଧାନ ଅମଳ ମେଶିନରେ ଚାପିହୋଇ ଶ୍ରମିକ ମୃତ

ଜଗନ୍ନାଥପ୍ରସାଦ, ୧୯।୧୨
(ବିଭୁ ପ୍ରସାଦ ପଟ୍ଟନାୟକ)

ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦ ଥାନା ଅଞ୍ଚଳ ଜିରାବାଡ଼ି ଗ୍ରାମ ଗୋଲାସାହି ନିକଟରେ ମଙ୍ଗଳବାର ଧାନମଳା ସମୟରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଅସାବଧାନତା କାରଣରୁ ଜଣଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଟୁଲୁ ପାତ୍ର (୩୫)। ଟୁଲୁ ଜିରାବାଡି ଗ୍ରାମର ଜଣେ ଟ୍ରାକ୍ଟର ମାଲିକଙ୍କ ପାଖରେ ଦୀର୍ଘ ଦିନ ଧରି ମଜୁରିଆ ଭାବେ କାମ କରୁଥିଲେ। ମାଲିକଙ୍କ ଧାନଅମଳ ମେଶିନ ଚାଲିବା ସମୟରେ ଅସାବଧାନତା କାରଣରୁ ମେସିନଟି ଟୁଲୁଙ୍କ ଉପରକୁ ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଜଗନ୍ନାଥ ପ୍ରସାଦ ପୋଲିସ ପହଞ୍ଚି ନଂ ୨୭୯/୨୩ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି। ଟ୍ରାକ୍ଟରକୁ ପୋଲିସ ଜବତ କରି ମାଲିକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଡ୍ରାଇଭର ଫେରାର ଅଛନ୍ତି।

# ମହିଳା ଡିଗ୍ରୀ ମହାବିଦ୍ୟାଳୟର ସାଂସ୍କୃତିକ କାର୍ଯ୍ୟକ୍ରମ



ଅତିଥିମାନଙ୍କ ସହିତ ପୁରସ୍କୃତ ଛାତ୍ରୀମାନେ।

ଛତ୍ରପୁର, ୧୯।୧୨(ଦିଲ୍ଲୀପ ସାମଲ /ସନ୍ତୋଷ ପାଢ଼ୀ)

ଜିଲା ସଂସ୍କୃତି ଭବନ ପରିସରରେ ଛତ୍ରପୁର ମହିଳା ଡିଗ୍ରୀ ମହାବିଦ୍ୟାଳୟର ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଛାତ୍ରୀମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ଖୋଜି ବାହାର କରିବା ପାଇଁ ରାଜ୍ୟ ସରକାରଙ୍କ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁମିତା ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୫ନଂ ୱାର୍ଡ କାଉନସିଲର ଡି. ଇନ୍ଦୁ, ୬ନଂ ୱାର୍ଡ କାଉନସିଲର ମମତା ପାତ୍ର, ୯ ନଂ ୱାର୍ଡ କାଉନସିଲର ପ୍ରୀତିଛନ୍ଦା ସାମଲ ଓ ୧୨ ନଂ ୱାର୍ଡ କାଉନସିଲର ବି. ନିଶ୍ଚଳାସ୍ୱାମୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କୃତି ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧାପିକା କବିତା କୁମାରୀ ସାହୁଙ୍କ ସମେତ ବହୁ ଛାତ୍ରୀ, ସମସ୍ତ ଅଧାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ଗଜପତି ଉତ୍ସବ ଉଦ୍‌ଘାଟିତ



ଉତ୍ସବରେ ଯୋଗଦେଇଥିବା ମନ୍ତ୍ରୀ, ଜିଲାପାଳ ଓ ଅନ୍ୟ ଅତିଥିମାନେ।

ପାରଳାଖେମୁଣ୍ଡି,୧୯।୧୨
((ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମ ଠାରେ ମଙ୍ଗଳବାର ଗଜପତି ଉତ୍ସବ ଉଦଘାଟିତ ହୋଇ ଯାଇଛି। ଉଦଘାଟନୀ ସନ୍ଧ୍ୟାରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଅଧକ୍ଷତା କରିଥିବା ବେଳେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଥମେ ମହେନ୍ଦ୍ରଗିରି କୁନ୍ତୀ ମନ୍ଦିରରୁ ଆସିଥିବା ମଶାଲକୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ଏକ ବିରାଟ ଶୋଭାଯାତ୍ରାରେ ବାହାର କରାଯାଇ ସହର ପରିକ୍ରମା କରି ଉତ୍ସବ ସ୍ଥଳରେ ପହଞ୍ଚିବା ପରେ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଥିଲା। ପ୍ରଥମ ସନ୍ଧ୍ୟାରେ ୧୦ ଟି ସାଂସ୍କୃତିକ ଦଳ ଭାଗ ନେଇଥିବା ବେଳେ ଆସାମର ବିହୁ ନୃତ୍ୟ, ରାଜସ୍ଥାନୀ ନୃତ୍ୟ, ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ଯୋଡ଼ି ଶଙ୍ଖ, ଉତ୍ତରପ୍ରଦେଶ ନୃତ୍ୟ, ମହାରାଷ୍ଟ୍ରର ଲାଭନି ନୃତ୍ୟ ପ୍ରମୁଖ ଲୋକଙ୍କୁ ଦୀର୍ଘ ସମୟ ଧରି ବାନ୍ଧି ରଖିଥିଲା। ଏହି କାର୍ଯ୍ୟକ୍ରମରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଜପତି ଅଧ୍ୟକ୍ଷା ମାରୀୟମ ରଇତ, ଜିଲା ପରିଷଦ ସଭାପତି ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ମହାଦେଇ କଲ୍ୟାଣୀ ଗଜପତି, ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ।

## ଆଜିଠୁ ସମୂହ ଛୁଟିରେ ଯିବେ ଅମଲା

ଛତ୍ରପୁର,୧୯।୧୨(ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟରତ ଅମଲାମାନେ ବୁଧବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ବାରମ୍ବାର ଆନ୍ଦୋଳନ ଓ ଦାବି କରିବା ପରେ ମଧ ଏହା ପୂରଣ କରାଯାଇନି, ଏପରିକି ସରକାର ଏହା ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଁ ଏହାକୁ ପୂରଣ କରିନାହାନ୍ତି। ଏଣୁ ଏପରି ନିଷ୍ପତ୍ତି ନିଆଯାଇଥିବା ସଙ୍ଘ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଗଞ୍ଜାମ ଜିଲାପାଳଙ୍କୁ ୨୦୦ ରୁ ଊର୍ଦ୍ଧ୍ୱ ଅମଲା ଭେଟି ସମୂହ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ । ପ୍ରକାଶ ଥାଉକି, ଜୁନ ୧ରୁ ୧୭ଯାଏଁ ଜିଲାସ୍ତରୀୟ ଅମଲା ମାନେ ଆନ୍ଦୋଳନ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯାଳୟରୁ ପ୍ରତିଶ୍ରୁତି ପାଇ ଓହରିଥିଲେ। କିନ୍ତୁ ୬ ମାସ ବିତିଯାଇଥିଲେ ହେଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନ ନେବାରୁ ଅମଲାଙ୍କ ମନରେ ଘୋର ଅସନ୍ତୋଷ ଦେଖାଦେଇଥିଲା।

# ନବନିର୍ମାଣ ସଙ୍ଗଠନ ତରଫରୁ ରାସ୍ତାରୋକୋ

ପାରଳାଖେମୁଣ୍ଡି,୧୯।୧୨
(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ପାରଳାଖେମୁଣ୍ଡି ନିକଟସ୍ଥ ଜିଲା ବନ ବିଭାଗ କାର୍ଯ୍ୟାଳୟ ସାମ୍ନାରେ ମଙ୍ଗଳବାର ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ନବ ନିର୍ମାଣ ସଙ୍ଗଠନ ପକ୍ଷରୁ ରାସ୍ତାରୋକୋ କରାଯାଇ ଆନ୍ଦୋଳନ କରାଯାଇଛ। ସେମାନଙ୍କ ଦାବି ହେଲା ଜିଲାକୁ ମରୁଡି ଘୋଷଣା କରିବା, କପା ଚାଷୀଙ୍କଠାରୁ ସରକାରୀ ମଣ୍ଡିରେ କପା ସଂଗ୍ରହ କରିବା, ଜିଲାର ସମସ୍ତ ଚାଷ ଜମିକୁ ଜଳ ସେଚନର ବ୍ୟବସ୍ଥା କରିବା, କାଜୁ ଚାଷୀଙ୍କ ଠାରୁ ଉଚିତ ମୂଲ୍ୟ ଦେଇ କାଜୁ ସଂଗ୍ରହ କରିବା ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ କରିବା। ଆନ୍ଦୋଳନକାରୀଙ୍କ ରାସ୍ତା ଅବରୋଧ ଯୋଗୁ ଜିଲା ସଦର ମହକୁମା ଠାରୁ ରାୟଗଡ଼ ବ୍ଲକ, ଗୋସାଣୀ, ଉଦୟଗିରି, ନୂଆଗଡ, ମୋହନା ଓ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁରକୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଜିଲା ପ୍ରଭାରୀ ରଞ୍ଜିତ ପଟ୍ଟନାୟକ, ଶେଷଦେବ ନନ୍ଦ, ଇ. ଦାମୋଦର ରାଓ, ଦଣ୍ଡାସି ଖଣ୍ଡାଳ, ମାଣିକ ରଇତ, ବି. ଶଙ୍କର ରାଓଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ଘଟଣାସ୍ଥଳରେ ଜିଲା ପ୍ରଶାସନ ତରଫରୁ ଏଡିଏମ ରାଜସ୍ୱ ରାଜେନ୍ଦ୍ର ମିଞ୍ଜ ପହଞ୍ଚି ଆନ୍ଦୋଳନକାରୀଙ୍କୁ ସମସ୍ୟା ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଜିଲାର ବିଭିନ୍ନ ଚାଷୀମାନଙ୍କୁ ନେଇ ଏକ କମିଟି ଗଠନ କରାଯିବ ଓ ଚାଷୀଙ୍କ ରହିଥିବା ବିଭିନ୍ନ ସମସ୍ୟା ନେଇ ପ୍ରତି ସୋମବାର ଏହି କମିଟି ଜିଲାପ୍ରଶାସନ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି ଏଡିଏମ କହିଛନ୍ତି।

# ୫ରୁ କନ୍ଧମାଳ ମହୋତ୍ସବ, ପଲ୍ଲିଶ୍ରୀ ମେଳା

ଫୁଲବାଣୀ,୧୯।୧୨
(ରାକେଶ କୁମାର ରାଉତ)

କନ୍ଧମାଳ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା–୨୦୨୪ ଆସନ୍ତା ୫ରୁ ଆରମ୍ଭ ହେବ। ଏହା ୯ ତାରିଖ ଯାଏ ଚାଲିବ । ମଞ୍ଚ କାର୍ଯ୍ୟକ୍ରମ ପ୍ରତିଦିନ ସନ୍ଧ୍ୟା ୬ଟାରୁ ରାତ୍ର ୧୦ଘଟିକାଟାଏ ଚାଲୁ ରହିବ। ପ୍ରଥମ ଦିନ ଉଦ୍‌ଘାଟନୀ ସଭା ମାତ୍ର ୩୦ ମିନିଟ୍ ପାଇଁ ହେବ । ବାକି ଦିନରେ ସାଧାରଣ ସଭା ଆୟୋଜନ କରାଯିବ ନାହିଁ। ଏହି ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଅବସରରେ ମଶାଲ ଶୋଭାଯାତ୍ରା, ସାଂସ୍କୃତିକ ସଂଧ୍ୟା, ପ୍ରଦର୍ଶନୀ, ରଙ୍ଗୋଲୀ ପ୍ରତିଯୋଗିତା, ଏକକ ନୃତ୍ୟ ପ୍ରତିଯୋଗିତା, କୁଇ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସମ୍ପର୍କିତ ଆଲୋଚନାଚକ୍ର ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତିବର୍ଷ ପରି ଚଳିତବର୍ଷ ମଧ ଏହାର ସ୍ମରଣିକା ପ୍ରସ୍ତୁତ କରାଯିବ। ଏଥିରେ ସ୍ଥାନ ପାଇଥିବା ଲେଖକ ଲେଖିକାମାନଙ୍କୁ କମ୍ପ୍ଲେମେଣ୍ଟାରି କପି ଦିଆଯିବା ପାଇଁ ସ୍ଥିର କରାଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପାଇଁ ଉଦ୍ଦିଷ୍ଟ ଷ୍ଟଲ୍‌ରେ ଏହି ସ୍ମରଣିକା (ଗିରି ଝଙ୍କାର) ସର୍ବସାଧାରଣଙ୍କ ପାଇଁ ବିକ୍ରୟ କରାଯିବ। ଏହି ସ୍ମରଣିକାରେ ସ୍ଥାନ ପାଇବାକୁ ଥିବା ଲେଖାଗୁଡ଼ିକ କନ୍ଧମାଳ ଜିଲାର ଇତିହାସ, ବୈଭବ, ପର୍ଯ୍ୟଟନ ସ୍ଥଳୀ, କୃଷି, ଅଧିବାସୀମାନଙ୍କର ଜୀବନଶୈଳୀ, ଶିକ୍ଷା, ଭାଷା ଓ ସଂସ୍କୃତି ଆଦି ସମ୍ପର୍କିତ ନିଜସ୍ୱ ପ୍ରବନ୍ଧ, ଗଳ୍ପ, କବିତା, ଅନୁଭୂତି କାହାଣୀ ଆଦି ଉପରେ ଆଧାରିତ ରହିବ। ସେହିପରି ଜିଲାର ବିଭିନ୍ନ ବିଭାଗର ସଫଳ କାହାଣୀ ମଧ ଏଥିରେ ସ୍ଥାନ ପାଇବ। ବିଭାଗୀୟ ଅଧିକାରୀ ଓ ଲେଖକ ଲେଖିକାମାନେ କେବଳ ଗୋଟିଏ ଲେଖାଏ ଲେଖା ଆସନ୍ତା ୨୦ ସୁଦ୍ଧା ଜିଲା ସଂସ୍କୃତି ଅଧିକାରୀ, ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ଅନୁରୋଧ କରାଯାଇଛି।

## ବିଦ୍ୟୁତ୍ ତାର ଲାଗି ବସ୍ ହେଲପର ମୃତ

ଫିରିଙ୍ଗିଆ/ଗୋଛାପଡା ୧୯।୧୨
(ବିକ୍ରମ ଦିଗାଲ/ରୋହିତ କହଁର)

ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଥାନା ନେଡିପଦର୍ କ୍ରେଙ୍ଗେଡି ଛକ ଗାଁ ନିକଟରେ ରାସ୍ତା ଉପରେ ମଙ୍ଗଳବାର ବିଦ୍ୟୁତ୍ ତାର ଲାଗି ଏକ ଘରୋଇ ବସ୍‌ର ହେଲପର ନେଡିପଦର୍ ଗାଁର ନିଲାରା ଦିଗାଲଙ୍କ ପୁଅ ଆମଦ(୨୬)ଙ୍କ ମୃତ୍ୟୁ ଘଟିଛି। ଫୁଲବାଣୀଠାରୁ ଭାୟା ଫିରିଙ୍ଗିଆ ଦେଇ ଗୋଛାପଡ଼ା ଯାତାୟାତ କରୁଥିବା ଏକ ଘରୋଇ ବସରେ ବିଦ୍ୟୁତ୍ ତାର ଲାଗିଯିବାରୁ ଦୁର୍ଘଟଣା ଘଟିଥିଲା। ଗୋଛପଡ଼ା ପୋଲିସ ମୃତଦେହ ଜବତ କରି ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି ବୋଲି ସୂଚନା ଦେଇଛନ୍ତି ଥାନା ଅଧିକାରୀ ପ୍ରତାପ କୁମାର ବେହେରା। ତେବେ ଏହି ବସ୍ ଉପରେ କେତେକ କଲେଜ ଛାତ୍ର ବସିଥିଲେ ମଧ ସେମାନେ ସୌଭାଗ୍ୟବଶତଃ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀ।

କୋଦଲା,୧୯।୧୨
(ଅମିତ କୁମାର ପଟ୍ଟନାୟକ)

କୋଦଲା ଲକ୍ଷ୍ମୀ ନାରାୟଣ ସ୍ନାତକ ମହାବିଦ୍ୟାଳୟ ପରିସରରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ସାମାଜିକ ବିଭାଗ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ରଘୁନାଥ ମୁଦୁଲି, ପରିଚାଳନା ପରିଷଦ ସଭାପତି ସୂର୍ଯ୍ୟନାରାୟଣ ଦୋରା ଏବଂ ମନୁ ସଂଗତ ମାରାଣ୍ଡିଙ୍କ ଉପସ୍ଥିତିରେ ଉଦ୍‌ଘାଟନ ହୋଇଥିଲା। ଏଥିରେ ବ୍ରହ୍ମପୁର ରକ୍ତ ଭଣ୍ଡାର କର୍ମଚାରୀମାନେ ଉପସ୍ଥିତ ରହି ୩୩ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଏଥିସହ ଯୁବ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ସାଂସ୍କୃତିକ ଏବଂ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ଯ୍ୟକ୍ରମ ନୋଡାଲ ଅଧିକାରୀ ସାଗରିକା ଦାସ ପରିଚାଳନା କରିଥିବା ବେଳେ ଅଧାପକ ବିଷ୍ଣୁ ନାରାୟଣ ସେଠୀ, ସାଗର ଚନ୍ଦ୍ର ପାତ୍ର, ବିନୋଦ କୁମାର ମିଶ୍ର, ସପନ କୁମାର ଦାସ, କେଶବ ଚନ୍ଦ୍ର ପାଲ, କାହ୍ନୁ ଚରଣ ସ୍ୱାଇଁ, ପି. ସତ୍ୟନାରାୟଣ ପାତ୍ର, ମୀନାକ୍ଷୀ ପଟ୍ଟନାୟକ, ରଞ୍ଜୁବାଳା ନନ୍ଦ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀ ମର୍ଦ୍ଦରାଜ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ଖଲ୍ଲିକୋଟ,୧୯।୧୨(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ସହର ସ୍ଥିତ ଏସଏମ ହାଇସ୍କୁଲ ପରିସରରେ ମଙ୍ଗଳବାରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବ୍ଲକ ଶିକ୍ଷା ଅଧିକାରୀ ସଦ୍ୟସ୍ନାନ ପଣ୍ଡା ମୁଖ୍ୟ ଅତିଥି, ଖବରଦାତା ମାଧବ ବେହେରା, ପ୍ରଶାନ୍ତ କୁମାର ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ଗୋମତି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୌଡ଼, ଲମ୍ଫ ଡିଆଁ, ଉଚ୍ଚଡିଆଁ ଏପରି ବିଭିନ୍ନ ଇଭେଣ୍ଟରେ ଛାତ୍ରମାନେ ଭାଗ ନେଇଥିଲେ। ଖେଳ ଶିକ୍ଷକ ଭଗବାନ ବେହେରା ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏହାର ପରିଚାଳନା କରୁଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ଦିଗପହଣ୍ଡି,୧୯।୧୨
(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ପଞ୍ଚାନନ ଗୌଡ଼(୬୨)ଙ୍କ ରବିବାର ପରଲୋକ ହୋଇଯାଇଛି। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସୋମବାର ରାତିରେ ତାଙ୍କର ମୃତ୍ୟୁ ହୋଇଛି। ମଙ୍ଗଳବାର ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ମାଣ୍ଡିଆ ଅମଳ ପର୍ବ ପାଳନ

ଖଜୁରିପଡ଼ା,୧୯।୧୨(ବିଦୁର ବେହେରା)

ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶେୟାର ଏବଂ ରାଜ୍ୟ ମିଲେଟ ମିଶନ ଓ ଆତ୍ମାର ମିଳିତ ଆନୁକୂଲ୍ୟରେ ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଗୁଦାରି ପଞ୍ଚାୟତର ଗୁଦାରି ଉଦାସୀ ମଠ ସମ୍ମୁଖରେ ମାଣ୍ଡିଆ ଅମଳ ପର୍ବ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶେୟାରର ନିର୍ଦ୍ଦେଶକ କରାମତ ଅଲ୍ଲୀ ଖାଁ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକର କୃଷି ବିଭାଗୀୟ ଅଧିକାରୀ ସୌମେନ୍ଦ୍ର ବେହେରା ଓ ବିଭାଗୀୟ ସହଯୋଗୀ ମମତାମୟୀ ମହାନ୍ତି, ଜିଲା ସମବାୟ ନିବନ୍ଧକ ଯୁଗଳ କିଶୋର ଦାସ, ଉପନିବନ୍ଧକ ଗଙ୍ଗାଧର କହଁର, ଡିପିସିଓ ସବିତା ସୁବୁଦ୍ଧି ପ୍ରମୁଖ ଯୋଗ ଦେଇଥିଲେ। ଅନ୍ତର୍ଜାତୀୟ ମିଲେଟ ବର୍ଷ ଉପଲକ୍ଷେ ମିଲେଟ ଜାତୀୟ ଖାଦ୍ୟର ଉପକାରିତା ଉପରେ ବକ୍ତାମାନେ ନିଜର ମତବ୍ୟକ୍ତ କରିଥିଲେ। ଉପରୋକ୍ତ ସଂଗଠନ ସହାୟତାରେ ଖଜୁରିପଡ଼ା ଅଞ୍ଚଳରେ ଚଳିତବର୍ଷ ୬୨୦ ଜଣ ଚାଷୀ ୨୫୬ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରିଛନ୍ତି। ତାହା ଏବେ ଅମଳ ଚାଲିଛି। ମାଣ୍ଡିଆ ପ୍ରମୁଖ ଖାଦ୍ୟ ଭାବେ ବ୍ୟବହାର କରିବା ପରେ ବଳକା ମାଣ୍ଡିଆ ଚାଷୀମାନେ ନାମ ପଞ୍ଜୀକୃତ କରି ଖଜୁରିପଡ଼ା ଏବଂ ଦୂତିପଡା ଲ୍ୟାମ୍ପସରେ ମାଣ୍ଡିଆ ବିକ୍ରି କରିପାରିବେ ତାହାର ଟଙ୍କା ଡିବିଟି ମାଧ୍ୟମରେ ଚାଷୀ ନିଜ ବ୍ୟାଙ୍କ ଜମାଖାତାରେ ପାଇପାରିବେ। ଚଳିତବର୍ଷ ମାଣ୍ଡିଆ କିଲୋ ପିଛା ୩୮ ଟଙ୍କା ଦର ରହିଛି ବୋଲି କରାମତ ଅଲ୍ଲୀ ଖାଁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମାଣ୍ଡିଆ ଅମଳ ପରେ ଏକ ସ୍ୱତନ୍ତ୍ର ପର୍ବରେ ଗ୍ରାମବାସୀ ସାମିଲ ହୋଇଥିଲେ। ମାଣ୍ଡିଆରେ ପ୍ରସ୍ତୁତ ବରା, ପୋଡ଼ପିଠା, ସୁପ ଏବଂ ଆଲୁଚପ ଉପସ୍ଥିତ ଅତିଥିମାନଙ୍କୁ ଖାଇବାକୁ ଦେଇଥିଲେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ। ଏହା ଅତି ରୁଚିକର ଏବଂ ସ୍ୱାସ୍ଥ୍ୟ ପାଇଁ ହିତକର ବୋଲି ଅତିଥିମାନେ ଉପସ୍ଥିତ ବ୍ୟକ୍ତିମାନଙ୍କୁ ପାଲା ମାଧ୍ୟମରେ ବୁଝାଇଥିଲେ।

# ବୁଗୁଡ଼ା ଏନ୍‌ଏସିର ସୁବର୍ଣ୍ଣ ଜୟନ୍ତୀ

ବୁଗୁଡା,୧୯।୧୨(କାଳି ଚରଣ ଦାଶ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ବୁଗୁଡ଼ା ଏନ୍‌ଏସିର ୫୦ ବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ବଡଦାଣ୍ଡଠାରେ ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ଏନ୍‌ଏସି ଅଧକ୍ଷ ଚିତ୍ରସେନ ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଦୁଇଦିନିଆ କାର୍ଯ୍ୟକ୍ରମକୁ ଶନିବାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ଓ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ଏନ୍‌ଏସି ଉପାଧକ୍ଷା ଗୀତାଞ୍ଜଳି ପାଢ଼ୀ, ଜିଲା ପରିଷଦ ସଦସ୍ୟ ଗଙ୍ଗାପାଣି ଜେନା, ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ଦାଶ, ଏମ୍‌ପି ପ୍ରତିନିଧି ବସନ୍ତ କୁମାର ଦଳେଇ, ସମାଜିକ କର୍ମୀ ମଦନ ଗୋପାଳ ଦୋରା ଓ କେ. ତ୍ରିଲୋଚନ ଦୋରା ପ୍ରମୁଖଙ୍କ ସମେତ ସମସ୍ତ କାଉନସିଲର ଯୋଗ ଦେଇଥିଲେ। ପ୍ରାକ୍ତନ କାଉନସିଲର ସୁଧାଂଶୁ ଶେଖର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାସ ବିବରଣୀ ପାଠ କରିଥିଲେ। ଏ ଅବସରରେ ଅତିଥିମାନଙ୍କ ଦ୍ୱାରା ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ରବିବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏନ୍‌ଏସି ଉପାଧକ୍ଷା ଗୀତାଞ୍ଜଳି ପାଢୀ, ସମ୍ମାନିତ ଅତିଥି ଭାବେ ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର, ଅଗ୍ନିଶମ ଅଧିକାରୀ ସଂଜୟ କୁମାର ରାଉତ, ମିଡ଼ିଆ କ୍ଲବ ସଂପାଦକ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, କାଉନସିଲର ଆଶୁତୋଷ ବଡେଇ, ପୂଜାରାଣୀ ପାଣିଗ୍ରାହୀ, ସସ୍ମିତା କୁମାରୀ ଜେନା, ପିଙ୍କି ନାହାକ ଓ ଅନ୍ୟ କାଉନସିଲର ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ସର୍ବେଶ୍ୱର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଖେଲୋ ଇଣ୍ଡିଆ ସ୍ୱର୍ଣ୍ଣପଦକ ବିଜେତାଙ୍କୁ ଶୁଭେଚ୍ଛା

ଶେରଗଡ,୧୯।୧୨
(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ବ୍ଲକ ନରେନ୍ଦ୍ରପୁର ଗ୍ରାମର ଭିନ୍ନକ୍ଷମ ଗଦାଧର ସାହୁ ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଆୟୋଜିତ ଖେଲୋ ଇଣ୍ଡିଆ ପ୍ରତିଯୋଗିତାରେ ଭାଗନେଇ ସ୍ୱର୍ଣ୍ଣପଦକ ଜିତିଛନ୍ତି। ୧୪୦ କିଗ୍ରା ଓଜନ ଭାରୋତ୍ତଳନ କରି ଦେଶରେ ସ୍ୱର୍ଣ୍ଣପଦକ ହାସଲ କରି ପୁରସ୍କୃତ ହୋଇଥିଲେ। ମଙ୍ଗଳବାର ସେ ଫେରିବା ପରେ ପ୍ରଶାସନ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି। ସମ୍ମାନିତ ଉତ୍ସବରେ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ବିଡିଓ ଶିବାଶିଷ ବରାଳ, ତହସିଲଦାର



ତ୍ରିଦେବ ରଥ, ସହକାରୀ ନିର୍ବାହୀ ଯନ୍ତ୍ରୀ ସିମାଞ୍ଚଳ ଦାଶ, ଜିତେନ୍ଦ୍ର ପ୍ରଧାନ, ସୂର୍ଯ୍ୟନାରାୟଣ ଦାଶ, ଯନ୍ତ୍ରୀ ରାଜେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଅଜଣା ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ**

ହିଞ୍ଜିଳିକାଟୁ,(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳି ଥାନା ଏନ୍‌ଏଚ୍‌-୫୯ ସୋମପୁର ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ବିଜୁ ପଟ୍ଟନାୟକ ଛକ ଅଞ୍ଚଳର ଗୌରହରି ବେହେରା (୬୦)ଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ଗୌରହରି ଘରକୁ ଫେରୁଥିବା ବେଳେ ଏକ ଗାଡି ତାଙ୍କ ବାଇକକୁ ଧକ୍କା ଦେଇ ଚମ୍ପଟ ମାରିଥିଲା ।

## ସଂକ୍ଷେପରେ

### କ୍ରୀଡ଼ା ପ୍ରତିଯୋଗିତା କେଏସୟୁବି କଲେଜ

ଭଞ୍ଜନଗର,୧୯।୧୨(ବାବୁଲା ପ୍ରଧାନ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ୬୪ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ୩ ଦିନିଆ ଏହି ପ୍ରତିଯୋଗିତାର ପ୍ରଥମ ଦିନ ସକାଳେ ଛାତ୍ରମାନେ ସ୍ଥାନୀୟ ବାଗଦେବୀ ମନ୍ଦିରରୁ କ୍ରୀଡା ମଶାଲ ଧରି ଭଞ୍ଜନଗର ସହର ପରିକ୍ରମା କରିଥିଲେ। କଲେଜ ପଡିଆରେ ଶୋଭାଯାତ୍ରା ପହଞ୍ଚିବା ପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଦୌଡ, ଲଙ୍ଗଜମ୍ପ, ହାଇଜମ୍ପ, ଭଲିବଲ୍ ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏହାକୁ ପରିଚାଳନା କରିବାରେ ଅଧକ୍ଷ ରାଜେନ୍ଦ୍ର ଦାସ, ନୋଡାଲ ଅଫିସର ପ୍ରାଧ୍ୟାପିକା ଆରତି ବାଳା ପ୍ରଧାନ, ପ୍ରାଧ୍ୟାପକ ବିଭାସ ଦାସ, ଆମାଶ ପାଟମାଝୀ, ଲେଫ୍ଟନାଣ୍ଟ ରଜନୀକାନ୍ତ ତ୍ରିପାଠୀ, ଡଃ ରବିନ୍ଦ୍ର ମିଶ୍ର, ହର ପ୍ରସାଦ ତ୍ରିପାଠୀ, ବୁଦ୍ଧେଶ୍ୱର ଗୋପାଳ ଗୋତ୍ର, ଅଧ୍ୟାପିକା ବିସ୍ମିତା ରାଣୀ ଛତର, ଜ୍ୟୋତି ରାଣୀ ଗୁପ୍ତା,ତୃପ୍ତିମୟୀ ଦାସ, ସ୍ମରଣିକା ପାଢ଼ି,ରମାକାନ୍ତ ସାହୁ, ପ୍ରତ୍ୟୁଷ, ପିଇଟି ପି ରମେଶ ପ୍ରମୁଖ ସହଯୋଗ କରିଥିଲେ।

### ଉପବାଚସ୍ପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଦାରିଙ୍ଗବାଡି,୧୯।୧୨(ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ ସିମନବାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମଙ୍ଗଳବାର ବିଧାନସଭା ଉପବାଚସ୍ପତି ସାଲୁଗା ପ୍ରଧାନ ଗସ୍ତ କରିଛନ୍ତି। ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଉପବାଚସ୍ପତି ସିମନବାଡି ଯାଇଥିବା ବେଳେ ସେହି ବାଟ ଦେଇ ଫେରୁଥିବା ବେଳେ ଶତାୟୁ ବିଦ୍ୟାଳୟ ଯାଇଥିଲେ। ଉପବାଚସ୍ପତିଙ୍କୁ ହଠାତ ଅତି ନିକଟରେ ଦେଖି ଛାତ୍ରୀଛାତ୍ର ଓ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦେଶୀ ନାୟକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟର ବିଭିନ୍ନ ଆବଶ୍ୟକ ସୁବିଧା ପାଇଁ ଜଣାଇଥିଲେ। ଉପବାଚସ୍ପତି ସାଲୁଗା ପ୍ରଧାନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଜଣେ ଭଲ ମଣିଷ ହୁଅ ଏବଂ ଭଲ ପାଠ ପଢିବାକୁ କହିବା ସହ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ପ୍ରକାଶ ଯେ, ଉକ୍ତ ବ୍ଲକ ଅଞ୍ଚଳର ସର୍ବ ପୁରାତନ ବିଦ୍ୟାଳୟ ତଥା ୧୮୮୭ରେ ସ୍ଥାପନ ହୋଇଥିବା ବେଳେ ୩ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି।

### ନାରାୟଣୀ କଲେଜରେ ବିଭିନ୍ନ ପ୍ରତିଯୋଗିତା

କବିସୂର୍ଯ୍ୟନଗର,୧୯।୧୨(କୃପାସିନ୍ଧୁ ସ୍ୱାଇ)

କବିସୂର୍ଯ୍ୟନଗର ଆଠଗଡ଼ସ୍ଥିତ ନାରାୟଣୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡିଶା, ନବୀନ ଓଡିଶା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କବିତା ଆବୃତ୍ତି, ସୃଜନଶୀଳତା, କ୍ୟାରମ, ଚେସ ଓ କ୍ରିକେଟ ଆଦି ପ୍ରତିଯୋଗିତା ହୋଇଥିଲା। ନୋଡାଲ ଅଫିସର ଜାହାଙ୍ଗୀର ଖାଁ, ଅଧ୍ୟାପକ ପ୍ରଦୀପ କୁମାର ପ୍ରହରାଜ, ଚିତ୍ରସେନ ଡାକୁଆ, ସୁଶାନ୍ତ କୁମାର ସାହୁ, ପ୍ରଫୁଲ କୁମାର ମହାପାତ୍ର, ଶ୍ୟାମସୁନ୍ଦର ପ୍ରଧାନ ଏବଂ ସୁଧାକର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିନାୟକ ଆଚାର୍ଯ୍ୟ କଲେଜରେ ଯୋଗ କର୍ମଶାଳା

ବ୍ରହ୍ମପୁର,୧୯।୧୨(ତନୁଶ୍ରୀ ନାହାକ)

ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଜରିଆରେ ବିନାୟକ ଆଚାର୍ଯ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ମିଳିତ ସହଯୋଗରେ ସୋମବାର ଏକ ଯୋଗ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ଡ଼.ପ୍ରମିଳା ଖାଡ଼ଙ୍ଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଯୋଗଧାମର ସମ୍ପାଦକ ତଥା ଯୋଗଗୁରୁ ପି. ରାମା ରାଓ ଯୋଗଦେଇ ବିଦ୍ୟାର୍ଥୀଙ୍କୁ ଯୋଗ ଓ ପ୍ରାଣାୟମ ଶିକ୍ଷା ଦେବା ସହ ଭାରତୀୟ ସଂସ୍କୃତିରେ ଯୋଗର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ପ୍ରକୃତି ବନ୍ଧୁ ବନମାଳୀ ପ୍ରଧାନ ଅନ୍ୟତମ ଅତିଥି ଥିଲେ। କର୍ମଶାଳାରେ +୨, ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ଯୋଗାଭ୍ୟାସ ସହ କଲେଜ ପରିସରରେ ବୃକ୍ଷରୋପଣ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାମାଜିକ ସଚେତନତା କାର୍ଯ୍ୟକ୍ରମ ସଂଯୋଜିକା ଡ. ଶୁଭଶ୍ରୀ ଅପରାଜିତା, କଲେଜର ସଂଯୋଜକ ଡ.ରବୀନ୍ଦ୍ର କୁମାର ପଣ୍ଡା, କମିଟି ସଦସ୍ୟ ଡ.ଚିତ୍ତରଞ୍ଜନ ମହାନ୍ତି, ଡ. ଆନନ୍ଦ ସେଠୀ, ଡ.ଶିବାନୀ ମିଶ୍ର, ସୁଶାନ୍ତ ପ୍ରଧାନ, ଶଙ୍କର ପ୍ରସାଦ ମହାପାତ୍ର, ଡ.କାଳି ପ୍ରସାଦ ମୁଣ୍ଡା, ଡ.ଶାରଦା ପ୍ରସାଦ ଦାସଙ୍କ ସମେତ କଲେଜର ଅନେକ ଅଧ୍ୟାପକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ୫ ଆନ୍ତଃରାଜ୍ୟ ଡକାୟତ ଗିରଫ

ବ୍ରହ୍ମପୁର, ୧୯।୧୨
(ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ରେଳବାଇ ପୋଲିସ (ଜିଆରପି) ସୋମବାର ବିଳମ୍ବିତ ରାତିରେ ବ୍ରହ୍ମପୁର ରେଳଷ୍ଟେସନର ୪ନଂ ପ୍ଲାଟଫର୍ମ ନିକଟ ଏକ ନିଛାଟିଆ ସ୍ଥାନରୁ ୫ ଜଣିଆ ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗକୁ କାବୁ କରିଛି। ସେମାନେ ଟ୍ରେନରେ ଡକାୟତି ପାଇଁ ଯୋଜନା କରୁଥିଲେ ବୋଲି ପୋଲିସ କହିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆନ୍ଧ୍ରପ୍ରଦେଶ ବିଜୟନଗରମର କେ.ଗୁରୁମୁଲ, ଇଷ୍ଟ ଗୋଦାବରୀର ଡି. ଚିନା, ନେଲୁରର ଜେ.ହରି, ବିଜୟୱାଡାର ଏମ.ରାମକୃଷ୍ଣ (୩୨)। ଦେଓଗଡ଼ ଜିଲାର ରଞ୍ଜନ କୁମାର ସାହୁ। ମଧ୍ୟ ରାତ୍ରରେ ଚଳାଚଳ ହେଉଥିବା ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀ ଏମାନଙ୍କ ଟାର୍ଗେଟ ଥିଲା ବୋଲି ପୋଲିସ କହିଛି। ପୋଲିସ ସେମାନଙ୍କ ନିକଟରୁ ୨ଟି ମୂଲ୍ୟବାନ ଲାପଟପ, ଦୁଇ ପ୍ୟାକେଟ ଲଙ୍କାଗୁଣ୍ଡ, ୨ଟି ଛୁରୀ, ଟର୍ଚ୍ଚ, ଦୁଇଟି ଠେଙ୍ଗା, ତିନିଟି ଲୁହା ଛଡ଼ ଜବତ କରିଛି। ନଂ.୧୩୩/୨୩ରେ



ଗିରଫ ଡକାୟତ ଗ୍ୟାଙ୍ଗ।

ପୋଲିସ ମଙ୍ଗଳବାର ସମସ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୋମବାର ଜିଆରପି ପୋଲିସର ଏକ ଟିମ ରାତି ପାଟ୍ରୋଲିଂ କରୁଥିବା ବେଳେ ୪ ନମ୍ବର ପ୍ଲାଟଫର୍ମ ପଲାସା ପାର୍ଶ୍ୱ ଶେଷ ଭାଗରେ ପାଚେରିକୁ ଲାଗି ରହିଥିବା ଏକ ପରିତ୍ୟକ୍ତ ସ୍ଥାନରେ କେତେକ ଯୁବକ ଏକତ୍ରିତ ହୋଇଥିବା ପୋଲିସ ଖବର ପାଇଥିଲା। ଟିମ ସେଠାରେ ଚଢ଼ାଉ କରି ଉପରୋକ୍ତ ୫ଅଭିଯୁକ୍ତଙ୍କୁ କାବୁ କରିଥିଲା। ପଚାରାଉଚରା କରିବାରୁ ସେମାନେ ଦିନବେଳେ ଷ୍ଟେସନ ଏବଂ ଷ୍ଟେସନ ବାହାରେ ବୋତଲ ସଂଗ୍ରହ କରିଥାନ୍ତି। କେଉଁ ଟ୍ରେନ କେତେବେଳେ ଆସି କେତେ ବେଳେ ଯିବ, କେଉଁ ବଗିରେ କେତେ ଯାତ୍ରୀ ଥିବେ ତାହା ସେମାନଙ୍କୁ ଭଲଭାବେ ଜଣାଥାଏ। ଗୋଷ୍ଠୀ ହୋଇ କାମ କରୁଥିଲେ ମଧ୍ୟ

**ଟ୍ରେନରେ ଡକାୟତି**

ଧରାପଡ଼ିବା ଭୟରେ ପାଖରେ କୌଣସି ଫୋନ ରଖିନଥାନ୍ତି। ଯେଉଁ ଟ୍ରେନରୁ ଡକାୟତି ପାଇଁ ଟାର୍ଗେଟ କରିଥାନ୍ତି, ସେହି ଟ୍ରେନ ଷ୍ଟେସନରେ ପଶିବାର କିଛି ଦୂରରୁ ସେମାନେ ଟ୍ରେନର ବିପରିତ ପଟୁ (ଅପ୍ସାଇଡର ଚଢ଼ିଥାନ୍ତି। ଡକାୟତି କରି ତୁରନ୍ତ ପଳେଇ ଯାଆନ୍ତି। ଯଦି କୌଣସି ଯାତ୍ରୀ ବିରୋଧ କରେ, ତା'କୁ ସଂଘବଦ୍ଧ ଆକ୍ରମଣ କରିବାକୁ ପଛାନ୍ତି ନାହିଁ। ପୂର୍ବରୁ ଏହି ଅଭିଯୁକ୍ତମାନେ ଆନ୍ଧ୍ର ପ୍ରଦେଶରେ ଏଭଳି ଡକାୟତି କରି ଆସୁଥିଲେ। ସେଠାରେ ପୋଲିସର ତନାଘନା ଯୋଗୁଁ କିଛି ଦିନ ହେବ ସେମାନେ ବ୍ରହ୍ମପୁର ଚାଲିଆସିଥିଲେ ବୋଲି ଭାରପ୍ରାପ୍ତ ଅଧିକାରୀ ବିକାଶ କୁମାର ପଲାଇ ସୂଚନା ଦେଇଛନ୍ତି। ଉକ୍ତ ଦୁଇଟି ଲାପଟପ ଡ଼କାୟତ ଗ୍ୟାଙ୍ଗ କେଉଁଠୁ ଆଣିଥିଲେ ତାହାର ତଦନ୍ତ ଜାରି ରହିଛି । ଆବଶ୍ୟକ ହେଲେ ସେମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ପଲାଇ କହିଛନ୍ତି।

# ଗୋଆରେ ଯୁବତୀଙ୍କୁ ପ୍ରତାରଣା: ହସ୍ପିଟାଲରୁ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, ୧୯।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଗୋଆରୁ ଜଣେ ଯୁବତୀଙ୍କୁ ବ୍ରହ୍ମପୁର ଆଣି ମନ୍ଦିରରେ ବିବାହ ପରେ ପ୍ରତାରଣା କରିବା ଅଭିଯୋଗରେ ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ୯ମାସ ପରେ ମଙ୍ଗଳବାର ଏକ ଘରୋଇ ହସ୍ପିଟାଲରୁ ଗିରଫ କରିଛି। ସେ ହେଲେ ଖଲ୍ଲିକୋଟ ଥାନା ବଣିଆ ଗ୍ରାମର ସମୀର ଗୌଡ଼। ତାଙ୍କର ହାତ ଭାଙ୍ଗି ଯାଇଥିବା ବେଳେ ସେ ଚିକିତ୍ସିତ ହେଉଥିବା ଖବର ପାଇ ଏକ ଟିମ ସେଠାରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା ବୋଲି ଥାନାଧିକାରୀ ସୁଚିତ୍ରା ପରିଡ଼ା କହିଛନ୍ତି। ପ୍ରକାଶ ଯେ, ସମୀର ଗୋଆରେ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ଉକ୍ତ ସଂସ୍ଥାରେ ଗୋଆର ଜଣେ ଯୁବତୀ କାମ କରୁଥିବା ବେଳେ ସମୀର ତାଙ୍କ ସହ ପ୍ରେମ କରିବା ଆରମ୍ଭ କରିଥିଲେ। ସେ ନିଜକୁ ଅବିବାହିତ ବୋଲି କହିବା ସହ ଯୁବତୀଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ସେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ସମୀର ଉକ୍ତ ଯୁବତଙ୍କୁ ୨୦୨୨ରେ ବ୍ରହ୍ମପୁର ଆଣି ଏକ ଲଜରେ ରଖିଥିଲେ। ପରେ ଏକ ମନ୍ଦିରରେ ବିବାହ କରିଥିଲେ। କିଛିଦିନ ପରେ ସମୀର ଗୋଆ ଯାଇ ଯୁବତୀଙ୍କ ଘରୁ ସୁନା ଗହଣା ଓ ଟଙ୍କା ଧରି ଫେରାର ହୋଇଯାଇଥିଲେ। ତାଙ୍କୁ ବହୁ ଖୋଜାଖୋଜି କରି ପୀଡ଼ିତା ଜଣଙ୍କ ଫେବୃଆରୀ ୨୪ରେ ବ୍ରହ୍ମପୁରରେ ପହଞ୍ଚିଥିଲେ। ପରେ ସେ ଏନେଇ ମହିଳା ଥାନାରେ ଅଭିଯୋଗ କରିଥିଲେ।

# ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ଆଧ୍ୟାତ୍ମିକ ସାହିତ୍ୟ କୃତି ଆଲୋଚନା ଗଞ୍ଜାମ ପୁସ୍ତକ ମହୋତ୍ସବର ୪ର୍ଥ ସନ୍ଧ୍ୟା

ବ୍ରହ୍ମପୁର,୧୯।୧୨(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲା ପୁସ୍ତକ ମେଳା ସମିତି ପକ୍ଷରୁ କେସି ହାଇସ୍କୁଲ ପଡିଆଠାରେ ଚର୍ତୁଦ୍ଦଶ ଗଞ୍ଜାମ ପୁସ୍ତକ ମହୋତ୍ସବ ଚାଲିଛି। ମଙ୍ଗଳବାର ୪ର୍ଥ ସନ୍ଧ୍ୟାରେ କବି ଗୋପାଳ କୃଷ୍ଣ ପଟ୍ଟନାୟକଙ୍କ ଆଧ୍ୟାତ୍ମିକ ସାହିତ୍ୟ କୃତି ଉପରେ ଆଲୋଚନା ହୋଇଥିଲା। ଆଲୋଚନାଚକ୍ରରେ ଇଂ ଯାମିନୀକାନ୍ତ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ରୂପେ ଡ. ଲମ୍ବୋଦର ପାଣିଗ୍ରାହୀ ଯୋଗଦେଇ ଗୋପାଳକୃଷ୍ଣଙ୍କ ଆଧ୍ୟାତ୍ମିକ ସାହିତ୍ୟ କୃତି ଏକ ଯୁଗାନ୍ତକାରୀ ଓ ରାଧାକୃଷ୍ଣ ପ୍ରେମ ପ୍ରବାହର ଧାରା କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ରୂପେ କେନ୍ଦ୍ରୀୟ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ ଉଦୟ ନାଥ ପାତ୍ର ଯୋଗ ଦେଇ ରାଧାକୃଷ୍ଣଙ୍କ ପ୍ରେମ ଆଧାରିତ ଗୋପାଳକୃଷ୍ଣ ପଦ୍ୟାବଳୀ ଓଡିଆ ଭାଷା ସାହିତ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ଉଦାହରଣ ସୃଷ୍ଟି କରିଛି ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଡ ବନମାଳି ପାଣିଗ୍ରାହୀ ସଂଯୋଜନା କରିଥିଲେ। ଗଞ୍ଜାମ ଜିଲା ପୁସ୍ତକ ମେଳା ସମିତିର ଉପସଭାପତି ବିଜୟ କୁମାର ପାଢ଼ି, ସହ ସଂପାଦକ ଦେବୀ ପ୍ରସାଦ ମହାପାତ୍ର, ସୁବାଷ ଚନ୍ଦ୍ର ପଟ୍ଟନାୟକ ଓ ଦେବୀ ପ୍ରସାଦ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ରଙ୍କ ସଫଳତା

ବ୍ରହ୍ମପୁର,୧୯।୧୨
(ସ୍ମୃତି ରଞ୍ଜନ ମହାଲିକ)

ତୃତୀୟ ଓ ପଞ୍ଚମ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳାଫଳରେ ବିଦ୍ୟାଳୟର ୪ ଶିଶୁ ର୍‌ୟାଙ୍କ ରଖିଛନ୍ତି। ଏମାନଙ୍କ ମଧ୍ୟରେ ଇପସିତା ସାହୁ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଆଶୁତୋଷ ପାତ୍ର, ସ୍ୱୟଂଶ୍ରଦ୍ଧା ଦାଶ ଓ ସର୍ଯ୍ୟାଂଶୁ ପାଢ଼ି ବୃତ୍ତି ପାଇବାପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଧ୍ୱାନଲଗ୍ନା ପାଣିଗ୍ରାହୀ, ଆୟୁଷ ପଧାନ, ଅପର୍ଣ୍ଣା ଆର୍ଯ୍ୟ ମହାପାତ୍ର ର୍‌ୟାଙ୍କ ରଖି ବୃତ୍ତି ପାଇବାକୁ ଯୋଗ୍ୟ



ସଫଳତା ହାସଲ କରିଥିବା ଛାତ୍ରୀଛାତ୍ର ଓ ବିଦ୍ୟାଳୟର ଆଚାର୍ଯ୍ୟାଆଚାର୍ଯ୍ୟବୃନ୍ଦ।

**୩ୟ,୫ମ ସରକାରୀ ବୃତ୍ତି ପରୀକ୍ଷା**

ବିବେଚିତ ହୋଇଛନ୍ତି। ବିଗତ ତ୍ରିଦଶନ୍ଧି ଧରି ଆଚାର୍ଯ୍ୟାଆଚାର୍ଯ୍ୟଙ୍କ ତ୍ୟାଗ, ସାଧନା ଓ ସମର୍ପଣଭାବ ପରିଚାଳନା ସମିତିର ପ୍ରୋତ୍ସାହନ, ଅଭିଭାବକଙ୍କର ସହଯୋଗ, ଶିଶୁଙ୍କର କଠୋର ପରିଶ୍ରମ ସଫଳ ହୋଇଛି ବୋଲି ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟା କହିଛନ୍ତି। ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ଅନୁଷ୍ଠାନ ପରିଚାଳନା ସମିତିର ସଭାପତି ଜିବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତୀ ସାମଲ ଓ ବାସନ୍ତି ବେହେରା, ଉପଦେଷ୍ଟା ଡ ଶ୍ରୀକାନ୍ତ ମହାପାତ୍ର, ଡ. ହରିକୃଷ୍ଣ ନାୟକ, ମମତା ପାଣିଗ୍ରାହୀ, ଧର୍ମରାଜ ସାହୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନରସିଂହ ଚୌଧୁରୀ, ସୁଦର୍ଶନ ପାଢ଼ି ଓ ହରିକୃଷ୍ଣ ପାଢ଼ି, ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଏସ ମୋହନ ରାଓ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ ଓ ବିଦ୍ୟାଳୟ ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରଛିନ୍ତି।

# ମୋହନା ମହୋତ୍ସବ ଉଦ୍‌ଯାପିତ

ମୋହନା,୧୯।୧୨(ମନ୍ମଥ ମିଶ୍ର)

ଦୁଇ ଦିନ ଧରି ଚାଲିଥିବା ମୋହନା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନରେ ବଜାର ଛକ ମଧ୍ୟରେ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ବିଡିଓ ହଳଧର ଶବର ଓ ବ୍ଲକ୍ ଅଧ୍ୟକ୍ଷ ରଞ୍ଜିବ ଶବର ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ଭାବେ ମୋହନା ବିଧାୟକ ଦାଶରଥୀ ଗମାଙ୍ଗ, ମୁଖ୍ୟବକ୍ତା ଜି. ତିରୁପତି ରାଓ, ସମ୍ମାନିତ ଅତିଥି ହାଇଟେକ୍ ଗ୍ରୁପ୍ ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ, ଜିଲା ବିଜେଡ଼ି ସଭାପତି ଜଗବନ୍ଧୁ ଦାଶ, ବ୍ଲକ୍ ଅଧ୍ୟକ୍ଷ ରଞ୍ଜୀବ ଶବର, ତହସିଲଦାର ହରିଶ୍ଚନ୍ଦ୍ର ପ୍ରଧାନ, ମୋହନା ଜିଲା ପରିଷଦ ସଭ୍ୟ ଚନ୍ଦ୍ର କୁମାର ମଳିକ ଓ ଚନ୍ଦ୍ରଗିରି ଜିଲା ପରିଷଦ ସଭ୍ୟ ସୁନିଲ କୁମାର ବିଷୋୟୀ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ଦିବସରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଡକ୍ଟର ଗୁଣମଣି ନାୟକ ଯୋଗ ଦେଇ ଶିକ୍ଷାର୍ଥୀମାନଙ୍କ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣି ବିକଶିତ କରିବା ଏହି ଉତ୍ସବର ମୂଳ ଲକ୍ଷ୍ୟ ବୋଲି କହିଥିଲେ।

# ଠକିବା ଯୋଜନା କରି ଫେଲ ମାରିଲେ

ବ୍ରହ୍ମପୁର, ୧୯।୧୨
(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗଜପତିନଗରରେ ରହୁଥିବା ସ୍ୱର୍ଣ୍ଣଦେବୀ ମଲ୍ଲିକ ସାଇବର ଠକେଇର ଶିକାର ହୋଇଥିଲେ ବି ବଡ଼ ପରିମାଣର ଅର୍ଥ ହରାଇବାରୁ ରକ୍ଷା ପାଇଯାଇଛନ୍ତି।

ସ୍ୱର୍ଣ୍ଣଦେବୀଙ୍କ ଘର କନ୍ଧମାଳ ଜିଲାରେ। ସେ ବ୍ରହ୍ମପୁରରେ ରହୁଛନ୍ତି। ଗତ ୧୨ତାରିଖରେ ତାଙ୍କ ପାଖକୁ ଅନଲାଇନରେ ବ୍ୟବସାୟ ପାଇଁ ଏକ ଇନଷ୍ଟାଗ୍ରାମ ମେସେଜ ଆସିଥିଲା। ତାଙ୍କ ବ୍ୟବସାୟର ପୂର୍ବ ରେକର୍ଡ ସବୁ ଦେଖାଇ ମହିଳାଙ୍କୁ ପ୍ରଭାବିତ କରାଯାଇଥିଲା। ସେସବୁ ଦେଖି ଯୁବତୀ ଜଣଙ୍କ ଉକ୍ତ ଅନଲାଇନ ବ୍ୟବସାୟରେ ଟଙ୍କା ଇନଭେଷ୍ଟ କରିବାକୁ ଆଗଭର ହେଲେ। ତା'ପରେ ଲାଭାଂଶ ସହ ଟଙ୍କା ଫେରସ୍ତ ପାଇଁ ପୁଣି ୩୮,୧୫୩ଟଙ୍କା ମାଗିଥିଲେ। ସେତିକି ଟଙ୍କା ପଠାଇବାରୁ, ଆଉ ୪୩,୮୭୫ଟଙ୍କା ପଠାଇଲେ ଲାଭ ସହ ମୂଳ ଟଙ୍କା ଫେରସ୍ତ ପାଇବେ ବୋଲି ମେସେଜ ଆସିଲା। ଏଥିରେ ସ୍ୱର୍ଣ୍ଣଦେବୀଙ୍କର ସନ୍ଦେହ ହୋଇଥିଲା। ସେ ତୁରନ୍ତ ଜାତୀୟ ସାଇବର ଅପରାଧ ସେଲ ଟୋଲ ଫ୍ରି ନମ୍ବର ୧୯୩୦କୁ ଫୋନ କରି ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ପରିଣାମ ସ୍ୱରୂପ ତାଙ୍କର ଶେଷ ଦୁଇଟି ଟ୍ରାଞ୍ଜାକ୍ସନ ଠକ ଆକାଉଣ୍ଟରେ ଜମା ହେବା ପରିବର୍ତ୍ତେ ହୋଲ୍ଡ ହୋଇଯାଇଥିଲା। ଠକଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ୱର୍ଣ ଦେବୀ ପୋଲିସକୁ ନିବେଦନ କରିଛନ୍ତି। ତାଙ୍କ ଅଭିଯୋଗକୁ ନେଇ ବୈଦ୍ୟନାଥପୁର ଥାନା ପୋଲିସ ନଂ.୬୩୯/୨୩ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଯୁବକ ସଂଘର ଚକ୍ଷୁ ଶିବିର

ପୋଲସରା,୧୯।୧୨
(ସୁବ୍ରତ ବେହେରା)

ପୋଲସରା ମାଳୀସାହି କୋଠଘରେ ସୋମବାର ମା' ଦକ୍ଷିଣକାଳୀ ଯୁବକ ସଂଘ ପକ୍ଷରୁ ଶଙ୍କର ଚିକିତ୍ସାଳୟ ସମରଝୋଳ ହିଞ୍ଜିଳିକାଟୁ ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ଉତ୍କଳ ସାମ୍ବାଦିକ ସଂଘର ସଭାପତି ତଥା ଖବରଦାତା ସୁବ୍ରତ ବେହେରା, ଯୁବକ ସଂଘର ସଂଗ୍ରାମ ସାହୁ ଓ କ୍ୟାମ୍ପ ମ୍ୟାନେଜର ନଳିନୀକାନ୍ତ ରାଉତ ଉପସ୍ଥିତ ରହି ଶୁଭାରମ୍ଭ କରିଥଲେ। ସମସ୍ତ ପ୍ରକାର ଚକ୍ଷୁ ପରୀକ୍ଷା ନିଃଶୁଳ୍କ କରାଯାଇଥିଲା। ଏଥିରେ ୮୩ ଜଣ ଚକ୍ଷୁ ପରୀକ୍ଷା କରିଥିବା ବେଳେ ୧୦ ଜଣଙ୍କୁ ଚଷମା ବଣ୍ଟନ କରାଯାଇଥିଲା। ୨୬ ଜଣଙ୍କୁ ପରଳ ବା ମୋତିଆ ବିନ୍ଦୁ ଚିହ୍ନଟ କରାଯାଇ ସମ୍ପୂର୍ଣ୍ଣ ମାଗଣାରେ ଅସ୍ତ୍ରୋପଚାର ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଯାଇଥିଲା। ଶଙ୍କର ଚକ୍ଷୁ ଚିକିତ୍ସାଳୟର ଷ୍ଟାଫ୍ କ୍ୟାମ୍ପ ମ୍ୟାନେଜର ନଳିନୀକାନ୍ତ ରାଉତ, ସୁକେଶ ପାଣିଗ୍ରାହୀ, ମଧୁସ୍ମିତା ବ୍ରହ୍ମା, ଇପିଲି ସାକିଲ ଶିବିର ପରିଚାଳନା କରିଥିଲେ। ମା' ଦକ୍ଷିଣକାଳୀ ଯୁବକ ସଂଘର ସଂଗ୍ରାମ ସାହୁ, ଅଭିନାଶ ସାହୁ, ଶେଖର ବେହେରା, ରାମଚନ୍ଦ୍ର ସାହୁ, ନାରାୟଣ ସାହୁ, ପିଣ୍ଟୁ ସାହୁ, ସୁଶାନ୍ତ ସାହୁ, ପିଙ୍କୁ ସାହୁ, ରାକେଶ ସାହୁ, ସୁନୀଲ ସାହୁ, ବସନ୍ତ ସାହୁ ସହଯୋଗ କରିଥିଲେ।

# ଜନଜାତି କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ରାଇକିଆ,୧୯।୧୩, (ପ୍ରଦୀପ ବେହେରା)

ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟ ଖେଳପଡିଆଠାରେ ସୋମବାର ବ୍ଲକ ସ୍ତରୀୟ ଜନଜାତି କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଡିଓ ସୀମାଞ୍ଚଳ ମଣ୍ଡଳ, ତହସିଲଦାର ସୁଭଦ୍ରା ମୁଣ୍ଡିକା, ସତନ୍ତ୍ର ବିକାଶ ପରିଷଦ ସଦସ୍ୟ ଭୂଷଣ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ସାଂସଦ ପ୍ରତିନିଧି ସୁଧାଂଶୁ ପାଣିଗ୍ରାହୀ, ଜୀବନଜ୍ୟୋତି ମହାବିଦ୍ୟାଳୟ ଅଧ୍ୟକ୍ଷ ଶଙ୍କର୍ଷଣ ସାହୁ, ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ, ବେରେଡ଼ାକିଆ ସରପଞ୍ଚ ଅକ୍ଷୟ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଡବ୍ଲୁଇଓ ଉର୍ମିଳା ପ୍ରଧାନ ସଂଯୋଜନା କରିଥିଲେ।

# କେଏମ୍ ଭାଲିଆସାହି ହାଇସ୍କୁଲ ଛାତ୍ରୀ ଆନ୍ତଃରାଜ୍ୟ ସ୍ତରକୁ ମନୋନୀତ

ଆର.ଉଦୟଗିରି,୧୯।୧୨
(ମନୋଜ କୁମାର ପାତ୍ରୀ)

ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ କେଏମ ଭାଲିଆସାହି ସରକାରୀ ଉଚ୍ଚ ବିଦ୍ୟାଳୟରୁ ୬ ଜଣ ଛାତ୍ରୀ ଆନ୍ତଃରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ନୀଳାଚଳ ପଲିଟେକ୍ନିକଠାରେ ପଞ୍ଚଦିବସୀୟ ଶିକ୍ଷା ଏବଂ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ୬ ଜଣ ଛାତ୍ରୀ ମନୋନୀତ ହୋଇଥିଲେ। ସେମାନେ ଦଳଗତ ନୃତ୍ୟରେ ଉତ୍ତମ କଳା ପ୍ରଦର୍ଶନ କରି ସଫଳତା ଲାଭ କରିଥିଲେ। ୨୪ ତାରିଖରୁ ହରିୟାଣାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତଃରାଜ୍ୟ ଜୁନିୟର ରେଡ଼କ୍ରସ କ୍ୟାମ୍ପରେ ଦଳଗତ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ହେଉଛନ୍ତି ଶିବାନୀ ରାଇକା, ସସ୍ମିତା ଶବର, ସଂଯୁକ୍ତା ରଇତ, ମାମୁନି ରଇତ, ଆରତୀ କାର୍ଜି ଓ ପୁଣ୍ୟବତୀ ରଇତ। ବିଦ୍ୟାଳୟର ଶିକ୍ଷକ ପ୍ରହ୍ଲାଦ ଶିଅଳ, ଆରପି ମାର୍ଗଦର୍ଶକ ଶିକ୍ଷକ ଭାବରେ ଆନ୍ତଃରାଜ୍ୟ ଶିବିର ପାଇଁ ମନୋନୀତ ହୋଇ ଜିଲା ଏବଂ ରାଜ୍ୟ ପାଇଁ ଗୌରବର ପାତ୍ର ସାଜିଛନ୍ତି। ବିଦ୍ୟାଳୟର ପ୍ରଧାଶିକ୍ଷକ ରାମଚନ୍ଦ୍ର ଦଳବେହେରା, ଜିଲା ଜୁନିୟର ରେଡ଼କ୍ରସର ସଭାପତି, ଜିଲା ଶିକ୍ଷାଧିକାରୀ ପ୍ରଦୋଷ କୁମାର ନାୟକ, ରାଜ୍ୟ ଜୁନିୟର ରେଡ଼କ୍ରସର ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ଜିଲା ଜେଆର୍‌ସିର କାଉନସିଲର, ଆର୍‌ପି ତଥା ଅଧିକାରୀ ସଞ୍ଜୀବ କୁମାର ଦାସ ଏବଂ ପ୍ରହ୍ଲାଦ ଶିଅଳଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସେବାପରାୟଣ ମନୋଭାବ ଜାଗ୍ରତ କଲେ ସୁନ୍ଦର ସମାଜ ସୃଷ୍ଟି ହୋଇପାରିବ ବୋଲି ମତପ୍ରକାଶ କରିଛନ୍ତି।

# ସ୍ୱାସ୍ଥ୍ୟ ସଚେତନତା ରାଲି

ରମ୍ଭା,୧୯।୧୨(ବନବାସୀ ସେଠୀ)

ରମ୍ଭା ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଡ଼. ରଞ୍ଜନ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ନୋଡାଲ ଅଫିସର ଅମ୍ବିକା ପ୍ରସାଦ ସାମନ୍ତରାୟଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରଙ୍କୁ ନେଇ ମାଦକଦ୍ରବ୍ୟ ସେବନ ନିଷେଧ ଓ ଗୁଟଖା କଟକଣା ଉପରେ କଲେଜଠାରୁ ରମ୍ଭା ଏନଏସି ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା ହୋଇଥିଲା। ଏଥିସହିତ ପାନ୍ଥନିବାସ ଛକରେ ପଥପ୍ରାନ୍ତ ନାଟକ ପରିବେଷଣ ହୋଇଥିଲା। ପ୍ରାକ୍ତନ ପ୍ରାଧ୍ୟାପକ ଡ଼ଃ ବିଜୟାନନ୍ଦ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ନାଟକ ହୋଇଥିଲା। ଅଧ୍ୟାପିକା ଅଧ୍ୟାପକମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ନାଟ୍ୟ ପରିଚାଳନାରେ ପାନ୍ଥନିବାସ ଗଣେଶ ପୂଜା କମିଟିର ସଦସ୍ୟ ବିବେକାନନ୍ଦ ପଟ୍ଟନାୟକ, ଗୀତାଞ୍ଜଳି ପଟ୍ଟନାୟକ ସହଯୋଗ କରିଥିଲେ।

# ଜିଲାସ୍ତରୀୟ କୃଷକ ମହାସଭା ପଞ୍ଚାୟତ କାର୍ଯ୍ୟକ୍ରମ

ଗଞ୍ଜାମ,୧୯।୧୨(ବିଦ୍ୟାଧର ସାହୁ)

ଗଞ୍ଜାମ ଜିଲା ଐତିହାସିକ ସହର ରମ୍ଭା ନିକଟସ୍ଥ ସାବୁଳିଆଠାରେ ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ ତରଫରୁ କୃଷକ ମହା ପଞ୍ଚାୟତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ବ୍ଲକ ଅନ୍ତର୍ଗତ ସୁବଳୟା, ହୁମ୍ମା, ରାମଗଡ଼, ଜେଆର୍‌ଜିପୁର ଓ ସାନରାମଚନ୍ଦ୍ରପୁରରୁ ହଜାର ହଜାର ଚାଷୀ ଟ୍ରାକ୍ଟର ଯୋଗେ ଦେଇଥିଲେ। ଉକ୍ତ ସଭାରେ ମହାସଂଘର ୧୫ଟି ରାଜ୍ୟରୁ ଆସିଥିବା କୃଷକ ନେତା ଗଞ୍ଜାମ ଜିଲାର କୃଷକ ମାନଙ୍କର ଦୁର୍ଦ୍ଦଶା ପ୍ରତି ସମର୍ଥନ ଜଣାଇ ଆଗାମୀ ଭାବିଷ୍ୟତରେ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ଶପଥ ନେଇଥିଲେ। ଏହି ପ୍ରତିବାଦ ସଭାରେ ରାଜ୍ୟ ସଭାପତି





କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀ ନେତା।

ସଚିନ୍ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ମଧ୍ୟପ୍ରଦେଶରୁ ପ୍ରତିନିଧିତ୍ୱ କରୁଥିବା ଶିବ କୁମାର କାକାଜି, ପଞ୍ଜାବର ବିଶିଷ୍ଟ କୃଷକ ନେତା ଜଗତବିତ୍ ସିଂହ, ମହାରାଷ୍ଟ୍ରର ଶଙ୍କର ଦେଡକର, ତାମିଲନାଡୁର ପୁରୁଷୋତମ, କର୍ଣ୍ଣାଟକର ଜି. ନାରାୟଣ, ଉତ୍ତର ପ୍ରଦେଶର ରବିଦାନ୍ତ, କେରଳରୁ କେଭି ବିଜୁ ପ୍ରମୁଖ ଯୋଗ ଦେଇ କୃଷି ଓ କୃଷକ ସମସ୍ୟା ଉପରେ ଆଲୋଚନା କରିଥିଲେ। ଚଳିତ ବର୍ଷ ମରୁଡ଼ି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସରକାରଙ୍କ କ୍ଷତି ପୂରଣ, କୃଷି ବୀମା, ରବି ଫସଲ ପାଇଁ କୃଷକଙ୍କୁ ଆର୍ଥିକ ସହାୟତା କିମ୍ବା ମାଗଣାରେ ବିହନ ଯୋଗାଣ ପାଇଁ ସରକାରଙ୍କ ନିକଟରେ ଦାବି କରିଥିଲେ। କାର୍ଯ୍ୟକ୍ରମରେ କୃଷକ ନେତା ସ୍ୱାସ୍ଥି ସୁନ୍ଦର ସିୟ ସଂଯୋଜନା କରିଥିବା ବେଳେ ଆଞ୍ଚଳିକ କୃଷକ ପ୍ରତିନିଧି ବାନାମ୍ବର ପଲାଇ, ବିଜୟ କୁମାର ବିଶ୍ୱାଳ, ପ୍ରକାଶ ଚନ୍ଦ୍ର ପଣ୍ଡା, କିଶୋର ଚନ୍ଦ୍ର ସାହୁ, ସୀମାଞ୍ଚଳ ନାହାକ, ରବୀନ୍ଦ୍ର କୁମାର ସାହୁ, ଆରତ ତ୍ରାଣ ପଲାଇ, ଉଲ୍ଲାସ ସ୍ୱାଇଁ, ଆର.ଦୟାନିଧି ପ୍ରଧାନ, ଅର୍ଜୁନ ମହାଙ୍ଗୁଡ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ଏହାର ପ୍ରତିକାର ପାଇଁ କୌଣସି ପଦକ୍ଷେପ ନନେଲେ ଆଇନ ଅମାନ୍ୟ ଆନ୍ଦୋଳନ ହାତକୁ ନେବା ପାଇଁ ଚେତାବନୀ ଦେଇଥିଲେ। ଶେଷରେ ବିଶ୍ୱଜିତ୍ ତରାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

ଆସିକା,୧୯।୧୨(ସୁରେନ୍ଦ୍ର ନାଥ ସାହୁ)

ଆସିକାସ୍ଥିତ ହରିହର ହାଇସ୍କୁଲ ଓ କଲେଜ ଛକସ୍ଥିତ ଟେକ୍ନିକାଲ ହାଇସ୍କୁଲରେ ମଙ୍ଗଳବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଟେକ୍ନିକାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ମେଡିକାଲ କଲେଜର ରେଜିଷ୍ଟ୍ରାର ତଥା ଏହି ବିଦ୍ୟାଳୟର ପୂର୍ବତନ ଛାତ୍ର ସଂଗ୍ରାମ କେଶରୀ ପଣ୍ଡା, ବିଇଓ ମୁନରାଣୀ ମହାନ୍ତି, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଯୁବନେତା ଭଗବାନ ସାହୁ, ଖାରିଆ ସରପଞ୍ଚ ଜୟନ୍ତୀ ସାହୁ, ସମିତିସଭ୍ୟା ସୌଦାମିନୀ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ସେହିପରି ହରିହର ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଅଶୋକ କୁମାର ପାତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟିକା ସ୍ୱାଇଁ ମୁଖ୍ୟ ଅତିଥି ଓ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଗଣେଶ୍ୱର ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଭୟ କାର୍ଯ୍ୟକ୍ରମରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ଭାବେ ଶିକ୍ଷା ପ୍ରତି ଏକନିଷ୍ଠ ଉଦ୍ୟମ କରିବା ଲାଗି ପରାମର୍ଶ ଦେଇଥିଲେ ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରିଥିଲେ।

